ଗୋପୀନାଥ ମହାନ୍ତିଙ୍କ ସାହିତ୍ୟ ବିଶେଷାଙ୍କ

# ପ୍ରଜ୍ଞା



ଓଡ଼ିଆ ସାହିତ୍ୟ ସଂସଦ,

ଖଇରା ମହାବିଦ୍ୟାଳୟ, ଖଇରା

# ଗୋପୀନାଥ ମହାନ୍ତିଙ୍କ ସର୍ଜନଶୀଳତାର ଏକ ଭିନ୍ନ ଦିଗନ୍ତ : 'କଳାଶକ୍ତି'

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

(୧)

ଗୋପୀନାଥ ମହାନ୍ତିଙ୍କ କଥାସାହିତ୍ୟ ପ୍ରତି ଯେଉଁ ଶ୍ରେଷ୍ଠ ଅବଦାନ ରହିଛି, ଏକଥା କିଏ ବା ନ ଜାଣନ୍ତି ! ମାତ୍ର ଏହା ବ୍ୟତୀତ ତାଙ୍କ ସର୍ଜନଶୀଳତାର ଆଉ ଏକ ବିଶିଷ୍ଟ ଦିଗ ଉନ୍ମୋଚିତ ହୋଇଯାଏ ଯେତେବେଳେ ଅନୁରାଗୀ ପାଠକ ପ୍ରତ୍ୟକ୍ଷ କରେ ତାଙ୍କ 'କଳାଶକ୍ତି' ପୁସ୍ତକର ରଚନା ସବୁକୁ। ଯେକୌଣସି ପ୍ରକାରର ଗଦ୍ୟ ଶୈଳୀରେ ଆପଣାକୁ ପରିପୂର୍ଣ୍ଣ ଭାବରେ ପ୍ରକାଶ କରିବାର ଅତୁଳନୀୟ ଦକ୍ଷତା ବିଦ୍ୟମାନ ଥିଲା ଗୋପୀନାଥଙ୍କ ଆତ୍ମଶକ୍ତି ମଧ୍ୟରେ। ତେଣୁ କଳାଶକ୍ତି ନାମକ ପୁସ୍ତକଟିରେ ଯେଉଁ ସବୁ ପ୍ରବନ୍ଧ ସଂକଳିତ, ତାହା ଭିନ୍ନ ରୁଚିର ଯେ ସୌନ୍ଦର୍ଯ୍ୟମୟ ଉଦ୍‌ଭାସ, ଏଥିରେ ସନ୍ଦେହ ନାହିଁ। ନିଜେ ଗୋପୀନାଥ ଏ ପୁସ୍ତକର ପ୍ରାରମ୍ଭରୁ ଏଭଳି ରଚନା ସଂପର୍କରେ ତାଙ୍କ ଆତ୍ମ-ସ୍ୱୀକାରୋକ୍ତି ବର୍ଣ୍ଣନା କରି କହିଛନ୍ତି, "ମୁଁ ମୋର ସାହିତ୍ୟିକ ଜୀବନର ଆରମ୍ଭ ବେଳେ ନୂଆନୂଆ ଗଢ଼ିଥିବା ଅଭିରୁଚି ଓ ଦୃଷ୍ଟିଭଙ୍ଗୀ ଘେନି ଗୋଟିଏ ନୂଆ ଉଦ୍ୟମରେ ସତରଟି ପ୍ରବନ୍ଧ ଲେଖିଛି। ତହିଁରୁ ପ୍ରତ୍ୟେକ ପ୍ରବନ୍ଧ ସାହିତ୍ୟିକ-ତତ୍ତ୍ୱମୂଳକ ଆଲୋଚନା।" (୧)

ଏହି ପ୍ରବନ୍ଧଗୁଡ଼ିକ ଏପରି ଶୈଳୀରେ ରଚିତ ହୋଇଛି ଯାହା ପାଠକମାନଙ୍କୁ ପଠନକ୍ଲାନ୍ତିରୁ ମୁକ୍ତ କରିବା ପାଇଁ ଉଦ୍ଦିଷ୍ଟ। ବରଂ ପାଠକମାନଙ୍କର ଯେପରି ଆଗ୍ରହ ସୃଷ୍ଟି କରାଯାଇ ପାରିବ ତାହା ଥିଲା ଲେଖକଙ୍କ ପ୍ରକୃତ ଲକ୍ଷ୍ୟ। ଗୋପୀନାଥ ହେଉଛନ୍ତି ଇଂରାଜୀ ସାହିତ୍ୟର ଛାତ୍ର। ତେଣୁ ଇଂରାଜୀରେ ସମାଲୋଚନା-ମୂଳକ ଆଧୁନିକ ଧାରାର ପ୍ରବନ୍ଧ ପାଠ କରିବାର ସୁଯୋଗ ସେ ପାଇଥିଲେ। ଚେଷ୍ଟଟିନ୍, ବେଲକ୍, ଲିନ୍, ଡିକ୍କିନସ୍, ଭର୍ଜିନିଆ ଉଲଫ୍, ଏଡ଼ିଫ୍, ସୀକ୍‌ୱେଲ୍ ପ୍ରମୁଖ ଲେଖକମାନଙ୍କ ଗଭୀର ଦୃଷ୍ଟି, ଦର୍ଶନ ତଥା ବିଶ୍ଳେଷଣ ଗୋପୀନାଥଙ୍କୁ ପ୍ରଦାନ କରିଥିଲା ଭିନ୍ନ ପୁଲକ। ଏଗୁଡ଼ିକର ବୈଶିଷ୍ଟ୍ୟ

# ସୃଷ୍ଟି ସଖା



ଶାରଦୀୟ ବିଶେଷାଙ୍କ-୨୦୨୧



## ମନୋଜ ଦାସଙ୍କ ଜୀବନାଲେଖ୍ୟ

# ମହିମାମୟ ମନୋଜ

ପ୍ରଫେସର ମଣୀନ୍ଦ୍ର କୁମାର ମେହେର





### ସଂକ୍ଷେପରେ ମନୋଜ ଦାସ

ଆବିର୍ଭାବ: ୨୭ ଫେବୃଆରୀ ୧୯୩୪
ଶଙ୍ଖାରୀ, ବାଲେଶ୍ୱର

ବାପା: ମଧୁସୂଦନ ଦାସ

ମାଆ: କାଦମ୍ବିନୀ ଦେବୀ

ପତ୍ନୀ: ପ୍ରତିଜ୍ଞା ଦେବୀ

ତିରୋଭାବ: ୨୭ ଅପ୍ରେଲ ୨୦୨୧
ପଣ୍ଡିଚେରୀ

**ପ୍ରସନ୍ନତା ଓ ପରିଚ୍ଛନ୍ନତାର ପବିତ୍ର ରୂପ:**

ଆମେ ସଚେତନ ପାଠକ ମନରେ ଜାଣୁ ମନୋଜ ଦାସ କିଭଳି ଜଣେ ଉଚ୍ଚକୋଟୀର ସାହିତ୍ୟ-ସ୍ରଷ୍ଟା । ଆମ ରାଜ୍ୟ, ଦେଶ ଓ ବିଦେଶରେ ରହିଛନ୍ତି ଅସଂଖ୍ୟ ଲେଖକ ଲେଖିକା । ପ୍ରତ୍ୟେକ ସାହିତ୍ୟିକଙ୍କୁ ଦେଖିବାର ଲୋଭ ସମ୍ବରଣ କରିହୁଏ ନାହିଁ । ଏକଥା ଆଜି ମୁକ୍ତପ୍ରାଣରେ ସ୍ୱୀକାର କରିବାରେ ନାହିଁ କୌଣସି ଦ୍ୱିଧା ଯେ-ସମସ୍ତଙ୍କଠାରୁ ସଂପୂର୍ଣ୍ଣ ସ୍ୱତନ୍ତ୍ର ଭାବରେ  ବାରି ହୋଇପଡ଼ନ୍ତି ମନୋଜ ଦାସ ତାଙ୍କ ଚିର ପ୍ରଶାନ୍ତ ମୁଖମଣ୍ଡଳ ନିମିତ୍ତ । ଫଟୋଚିତ୍ରରେ ହେଉ କିମ୍ବା ପ୍ରତ୍ୟକ୍ଷ ଭାବରେ ହେଉ, ଯେଉଁମାନେ ତାଙ୍କୁ ଦେଖିବାର ଅବସର ଲାଭ କରିଛନ୍ତି ସେମାନେ ଏହା ଯଥାର୍ଥ ଭାବରେ ଜାଣିପାରନ୍ତି ଯେ, ମନୋଜଙ୍କ ଉଭୟ ଆଖିରେ ଭରିରହିଥାଏ ସାଗରୋପମ ସ୍ନେହ ଓ ସୁନୀଳ ଅନୁରାଗ । ଓଷ୍ଠାଧରରେ ଜହ୍ନର ଶୁଭ୍ର ଜ୍ୟୋତି ଉକୁଟି ଉଠୁଥାଏ । କି ମାଧୁର୍ଯ୍ୟ, ପରିଶୁଦ୍ଧ, ନିର୍ମଳ ଏ ହସ ଧାରେ ! ଆଉ ସମଗ୍ର ମୁଖମଣ୍ଡଳର ଶୁଭ୍ରତମ୍ବ ବକ୍ରରେ ଭରି ରହିଥାଏ ଶରତର ଶୁଭ୍ରଶାଳୀନତାର କମନୀୟତା । ଦେଖିବାମାତ୍ରକେ ଦର୍ଶକର ଦୁଇଟି ଆଖି ସଂପୂର୍ଣ୍ଣ ଭାବରେ ଲାଖିରହେ ସେଇଠି । ସେ ତରୁଣ ହୁଅନ୍ତୁ ବା ପ୍ରବୀଣ, ସବୁ ଦର୍ଶକ ଏହି ପ୍ରଶାନ୍ତବଦନ ଦର୍ଶନ କରି ଅଭିଭୂତ ହୋଇଛନ୍ତି ସହସ୍ର ସହସ୍ର ସଂଖ୍ୟାରେ । ଯେଉଦିନ ପଣ୍ଡିଚେରୀ ଶ୍ରୀଅରବିନ୍ଦ ଆଶ୍ରମରେ ପ୍ରଥମ ଥର ପାଇଁ ଶ୍ରୀମାଙ୍କର ସ୍ମିତରୂପ ଦର୍ଶନ କରିବାର ସୌଭାଗ୍ୟ ଲାଭ କରିଥିଲେ ମନୋଜ ଦାସ, ତାହା ତାଙ୍କ ଜୀବନର ପ୍ରଥମ ଅତୀନ୍ଦ୍ରିୟ ଅନୁଭୂତି ବୋଲି ସ୍ୱୀକାର କରିଛନ୍ତି । ଆଜି ମନେହୁଏ ସତେ ଯେମିତି ଦିବ୍ୟ ଜନନୀଙ୍କ ସେହି ଅପୂର୍ବ ଅଲୌକିକ ସୌନ୍ଦର୍ଯ୍ୟରୁ ଝରିଆସିଛି ଏକ ସ୍ୱଚ୍ଛ ନିର୍ଝର । ଯାହା  ମନୋଜଙ୍କୁ ରଖିଥିଲା ଚିର ସତେଜ ଓ ଚିରସବୁଜ କରିଦେଇ । ଅନ୍ତରାତ୍ମା ମଧ୍ୟରେ ଯେତେବେଳେ କୌଣସି ଆବିଳତା ରହେନାହିଁ ସେତେବେଳେ

# ସ୍ୱୟଂସିଦ୍ଧା

ପୂଜା ବିଶେଷାଙ୍କ-୨୦୨୦





# ଭୂଦାନ ଯଜ୍ଞର ପୁରୋହିତ ସନ୍ଥ ବିନୋବା

ଡକ୍ଟର ମଣୀନ୍ଦ୍ର କୁମାର ମେହେର



ବାଲ୍ୟକାଳରୁ ସନ୍ଥ ବିନୋବାଙ୍କ ଯେଉଁ ଫଟୋଚିତ୍ରଟି ଉପରେ ମୋର ଦୃଷ୍ଟି କେନ୍ଦ୍ରୀଭୂତ ହୋଇଥିଲା ତାହା ଆଜି ପର୍ଯ୍ୟନ୍ତ ଅନ୍ତରରେ ଝଲସିତ ହୋଇରହିଛି । ୧୯୬୩ ମସିହାରେ ଭୂଦାନ ଯଜ୍ଞର ଏହି ମହାନ୍ ପୁରୋହିତ ଗଙ୍ଗାଧର ମେହେର ମହାବିଦ୍ୟାଳୟରେ ଯେତେବେଳେ ପ୍ରବେଶ କରି କବିଙ୍କ ପ୍ରତି ଶ୍ରଦ୍ଧାର୍ଘ୍ୟ ଅର୍ପଣ କରିଥିଲେ; ସେତେବେଳେ କହିଥିଲେ ଯେ "ଗଙ୍ଗାଧର ଯଦି କେବଳ 'ଭକ୍ତି' ଶୀର୍ଷକ କବିତା ଲେଖିଥା'ନ୍ତେ, ତା'ହେଲେ ତାଙ୍କ କବି ଜୀବନ ସାର୍ଥକତା ବିମଣ୍ଡିତ ହୋଇଥାଆନ୍ତା ।" ବିନୋବାଜୀ ଓଡ଼ିଆ ଅକ୍ଷର ପଢ଼ି ପାରୁଥିଲେ ଓ ତାହାର ଭାବ ମଧ୍ୟ ଅନୁଧ୍ୟାନ କରିପାରୁଥିଲେ ଅନାୟାସରେ । ବିନୋବାଜୀ ସ୍ୱକୀୟ କବିଙ୍କ ପବିତ୍ର ଜନ୍ମପୀଠ ବରପାଲିରେ କବିଙ୍କ ଅବକ୍ଷ ପ୍ରତିମୂର୍ତ୍ତିର ମାଲ୍ୟାର୍ପଣ କରିବା ସମୟରେ ବିଶିଷ୍ଟ ଚିତ୍ରଶିଳ୍ପୀ ଓ ଫଟୋଗ୍ରାଫର୍ ବାବରର ସାହୁ ଯେଉଁ ଜୀବନ୍ତ ଛବିକୁ ତାଙ୍କର କ୍ୟାମେରାରେ ଉତ୍ତୋଳନ କରିଥିଲେ, ତାହା ମୁଦ୍ରିତ ହୋଇଥିଲା 'ଗଙ୍ଗାଧର ସ୍ମରଣିକା'ରେ । ଉକ୍ତ ଫଟୋଚିତ୍ରଟି ହିଁ ମୋ ପ୍ରାଣରେ ସଞ୍ଚାର କରିଥିଲା ବିନୋବାଜୀଙ୍କ ପ୍ରତି ସୁଗଭୀର ସମ୍ମାନ ଓ ଭକ୍ତି । ପରବର୍ତ୍ତୀ ସମୟରେ ମହାତ୍ମା ଗାନ୍ଧୀଙ୍କ ପଟ୍ଟଶିଷ୍ୟ ଏହି ବିରଳ ବ୍ୟକ୍ତିତ୍ୱଙ୍କ ସଂପର୍କରେ ଯେତେବେଳେ ଅଧିକ ଜାଣିବାର ସୁଯୋଗ ମିଳିଲା ସେତେବେଳେ ସେହି ଭକ୍ତି ଓ ସମ୍ମାନ ଶତଗୁଣିତ ହୋଇଯାଇଥିଲା ।

ISSN 2456-0804

# ଯୁଗଶ୍ରୀ ଯୁଗନାରୀ

ସେପ୍ଟେମ୍ବର ୨୦୨୧, ୨୦ ଟଙ୍କା

www.jugashreejuganari.com



ଯଶସ୍ୱିନୀ ନୃତ୍ୟଶିଳ୍ପୀ - ଆଲ୍ପନା ନାୟକ



ପ୍ରବନ୍ଧ

# ଏକ ଅନନ୍ୟ ପ୍ରସ୍ଫୁଟନର ସ୍ନିଗ୍ଧ ଉଚ୍ଚାରଣ : 'ସ୍ମୃତିରେ ଶାନ୍ତିନିକେତନ'

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ରବୀନ୍ଦ୍ରନାଥଙ୍କ ପ୍ରତିଟି ସୃଷ୍ଟି ଯେପରି ଅନ୍ତରାତ୍ମାର ସଂଗୀତରେ ମହିମାମଣ୍ଡିତ, ତାଙ୍କର ସ୍ୱପ୍ନର 'ଶାନ୍ତିନିକେତନ' ସେହିପରି ଅପୂର୍ବ ଓ ଅନୁପମ। ଶାନ୍ତିନିକେତନକୁ ଭିନ୍ନ କରି ରବୀନ୍ଦ୍ରଙ୍କ କବିତ୍ୱକୁ କଳ୍ପନା କରିବା ଆଦୌ ସମ୍ଭବ ନୁହେଁ। ଶାନ୍ତିନିକେତନର ପ୍ରତିଟି ଧୂଳିକଣାରେ, ପ୍ରତିଟି ବୃକ୍ଷଲତାରେ, ପ୍ରତିଟି ପତ୍ର ଓ ପ୍ରତିଟି ଡାଳର ବିନ୍ଦୁରେ ରବୀନ୍ଦ୍ର-ଆତ୍ମାର ସୌନ୍ଦର୍ଯ୍ୟ ଅନ୍ତର୍ଦର୍ଶୀ ଭାବରେ ପ୍ରକଟିତ। ଶାନ୍ତିନିକେତନର 'ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ' ଆଜି ପୃଥିବୀ ବିଖ୍ୟାତ।

ନୋବେଲ୍ ପୁରସ୍କାର ଗ୍ରହଣ ଅବସରରେ ରବୀନ୍ଦ୍ରନାଥ ଯେଉଁ ବକ୍ତବ୍ୟ ଉପସ୍ଥାପନ କରିଥିଲେ ଏ ପ୍ରସଙ୍ଗରେ, ତାହା ଏକାନ୍ତ ସ୍ମରଣୀୟ। ସେ କହିଥିଲେ- ଆପଣମାନଙ୍କ ଠାରୁ ପାଇଥିବା ଏହି ଅର୍ଥକୁ ମୁଁ ଏବେ ଆରମ୍ଭ କରିଥିବା ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଏବଂ ପୋଷଣ ନିମନ୍ତେ ବ୍ୟୟ କରିବି। ମୋର ବୋଧହୁଏ, ଏହି ବିଶ୍ୱବିଦ୍ୟାଳୟଟି ଏପରି ଏକ ସ୍ଥାନ ହେବ, ଯେଉଁଠାକୁ କି ପାଶ୍ଚାତ୍ୟରୁ ଛାତ୍ରମାନେ ଆସିପାରିବେ। ଆପଣଙ୍କ ପ୍ରତ୍ୟକ୍ଷ ଭ୍ରାତୃବର୍ଗଙ୍କ ସହିତ ଏକତ୍ର ରହିବେ- 'ବୃହତ ସମ୍ମିଳିତ ଭାବରେ କିଛି କାର୍ଯ୍ୟ କରିବେ ତଥା ଶତାବ୍ଦୀ ଶତାବ୍ଦୀ ଧରି ପ୍ରାଚ୍ୟରେ ଲୁକ୍କାୟିତ ହୋଇ ରହିଥିବା ସାଂସ୍କୃତିକ ସମ୍ପଦଗୁଡ଼ିକର ଆବିଷ୍କାର କରିବା ଲାଗି ପ୍ରୟାସ କରିବେ। ସେମାନେ ପ୍ରାଚ୍ୟର ଆଧ୍ୟାତ୍ମିକ ସମ୍ପଦଗୁଡ଼ିକ ଅନାବୃତ କରିବେ, ଯାହାକି ସମଗ୍ର ମାନବ ଜାତି ନିମନ୍ତେ ମଧ୍ୟ ଆବଶ୍ୟକ ହେବ।' (୧) ରବୀନ୍ଦ୍ରନାଥ ଶାନ୍ତିନିକେତନକୁ ଗୋଟିଏ ଆନ୍ତର୍ଜାତିକ ଅନୁଷ୍ଠାନର ପ୍ରତିଷ୍ଠା ଦେବା ପାଇଁ ସଂକଳ୍ପ ଗ୍ରହଣ କରିଥିଲେ। ପ୍ରାଚ୍ୟ ଓ ପାଶ୍ଚାତ୍ୟର ମିଳନରେ ଆଧ୍ୟାତ୍ମିକ ଅଭିପ୍ରକାଶ ଉତ୍ତରଣ ଯେ ସମ୍ଭବ ହୋଇପାରିବ, ଏହି ମହାନ ଆଶା ତାଙ୍କ ସ୍ୱରରେ ଝଙ୍କୃତ ହୋଇ ଉଠିଥିଲା। ସେଥିପାଇଁ ସେ କହିଥିଲେ "ବର୍ତ୍ତମାନ ପ୍ରାଚ୍ୟ ଓ ପାଶ୍ଚାତ୍ୟ ପରସ୍ପର ନିକଟବର୍ତ୍ତୀ ହୋଇ ଆସୁଛନ୍ତି। ସେମାନେ ପରସ୍ପରକୁ ଭେଟିବା ଲାଗି ଆସୁଛନ୍ତି, ଉଭୟ ଉଭୟଙ୍କୁ ଭେଟିବା ସକାଶେ ନିମନ୍ତ୍ରଣ ପାଉଛନ୍ତି। ଦୁହେଁ ପରସ୍ପରକୁ ଭେଟିବେ, ହାତମୁଠା ଏକାଠି କରିବେ ଏବଂ ଭବିଷ୍ୟତ ଲାଗି ଏକ ନୂତନ ସଭ୍ୟତା ତଥା ମହାନ୍ ସଂସ୍କୃତି ନିର୍ମାଣ କରିବାକୁ ସମର୍ଥ ହେବେ।"(୨) ମନୁଷ୍ୟ ମନୁଷ୍ୟ ମଧ୍ୟରେ ଯେଉଁ ବୃହତ ଐକ୍ୟର ପ୍ରଧାନ ଆବଶ୍ୟକ ସେଥିପାଇଁ ବିଶ୍ୱଭାରତୀ ନିଶ୍ଚିତ ଭାବରେ ତାର ମହାନ କର୍ତ୍ତବ୍ୟ ସଂପାଦନ କରିବ ଓ ପୃଥିବୀରେ ବ୍ୟାପ୍ତ ବହୁଦ୍ୱେଷ ଏବଂ ଘୃଣାକୁ ଅପସାରିତ କରିବା ପାଇଁ ମାନବିକତାର ଓଁକାର ଧ୍ୱନି ଏଠି ମର୍ମରିତ ହେବ ବୋଲି ସେ ଦୃଢ଼ ବିଶ୍ୱାସ ରଖିଥିଲେ। ବିଶ୍ୱଭାରତୀର ଶିରୋବାଣୀ ହେଉଛି- 'ଯତ୍ର ବିଶ୍ୱଂ ଭବତ୍ୟେକନୀଡ଼ମ୍', ଅର୍ଥାତ୍ ବିଶ୍ୱ ଯେଉଁଠି ଗୋଟିଏ ନୀଡ଼ରେ ବସା ବାନ୍ଧିଛି।'(୩)

୧୮୬୪ ମସିହାରେ ରବୀନ୍ଦ୍ରନାଥଙ୍କ ପୂଜ୍ୟପାଦ ପିତା ଦେବେନ୍ଦ୍ରନାଥ ଠାକୁର ଅଳ୍ପ ଏକତାଳା କୋଠାଘର ସେଠାରେ ନିର୍ମାଣ କରି ତାହାରି ନାମ ରଖିଥିଲେ 'ଶାନ୍ତିନିକେତନ'। ରବୀନ୍ଦ୍ରନାଥ ଶୈଶବ ଓ କୈଶୋର କାଳରେ ସେହି ସ୍ଥଳରେ ଅବସ୍ଥାନ କରି ପିତାଙ୍କ ହୃଦୟର ସ୍ପନ୍ଦନକୁ ମର୍ମେମର୍ମେ ଅନୁଭବ କରିଥିଲେ। ପିତାଙ୍କ ସ୍ୱପ୍ନକୁ ଏକ ମହନୀୟ ଓ ବିସ୍ତୃତ ରୂପ ଦାନ କରି ଏ ପରିସରରେ ପ୍ରାଣ ସଞ୍ଚାର କଲେ ରବୀନ୍ଦ୍ରନାଥ। ଆଉ ସେ ହିଁ ହେଲେ ଦେବେନ୍ଦ୍ରନାଥଙ୍କ ଉତ୍ତରାଧିକାରୀ ଭାବରେ ଶାନ୍ତିନିକେତନ ଓ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ମହାନ ନିର୍ମାତା, ପ୍ରାଣ-ପ୍ରତିଷ୍ଠାତା। ଯେଉଁମାନେ ଏହି ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରିଛନ୍ତି ସେମାନଙ୍କ ଆତ୍ମା ଅନନ୍ୟ ଅନୁଭୂତିରେ ବିଭବିତ ହେବା ଅତ୍ୟନ୍ତ ସ୍ୱାଭାବିକ। ତେବେ ସେଇ ମାଟି, ପାଣି ଓ ପବନରେ ସ୍ୱପ୍ନପରି କୋମଳ ମୁହୂର୍ତ୍ତ ସବୁ ବିତାଇଥିବା ଏପରି ଅନେକ ଛାତ୍ରଛାତ୍ରୀ ଅଛନ୍ତି, ଯେଉଁମାନଙ୍କୁ ଦେଖିଦେବା ମାତ୍ରେ ଶାନ୍ତିନିକେତନର ପ୍ରଶାନ୍ତ ବାତାବରଣକୁ ସ୍ପର୍ଶ କରିହୁଏ ନିବିଡ଼ ଭାବରେ।

ଓଡ଼ିଶାର ବିଶିଷ୍ଟ କବି ମନୋରମା ବିଶ୍ୱାଳ ମହାପାତ୍ର ହେଉଛନ୍ତି ଶାନ୍ତିନିକେତନର ସେହିଭଳି ଜଣେ ଅଗ୍ରଗଣ୍ୟା ଛାତ୍ରୀ, ଯାହାଙ୍କ କବିତା ପୁଷ୍ପମାଳରେ ଓ ସ୍ୱପ୍ନଭିତ୍ତି ଦୁଇଟି ଗ୍ରନ୍ଥ ଆଜିର ଶାନ୍ତିନିକେତନର ଅପରୂପ ସୌନ୍ଦର୍ଯ୍ୟକୁ ଅନୁଭବ



ISSN 2456-0804

# ଯୁଗଶ୍ରୀ ଯୁଗନାରୀ

ଶାରଦୀୟ ବିଶେଷାଙ୍କ

ଅକ୍ଟୋବର ୨୦୨୦, ୮୦ ଟଙ୍କା

www.jugashreejuganari.com



ଜନସ୍ୱାସ୍ଥ୍ୟ ଗବେଷଣା, ପ୍ରଗତି ଓ ମାନବବାଦର

ଏକ ବଳିଷ୍ଠ ବ୍ୟକ୍ତିତ୍ୱ - ଡାକ୍ତର ସଙ୍ଘମିତ୍ରା ପତି



# ସ୍ୱଭାବକବିଙ୍କ ଜ୍ୟେଷ୍ଠା ପୌତ୍ରୀ : ଶକୁନ୍ତଳା

ମଣୀନ୍ଦ୍ର କୁମାର ମେହେର

ଶକୁନ୍ତଳାଙ୍କ ହୃଦୟରେ ଗଙ୍ଗାଧର: - ମହାଭାରତରେ ତଥା ମହାକବି କାଳିଦାସଙ୍କ 'ଅଭିଜ୍ଞାନ ଶକୁନ୍ତଳମ୍' ନାଟକରେ ବର୍ଣ୍ଣିତ 'ଶକୁନ୍ତଳା' ଚରିତ୍ର ଗଙ୍ଗାଧରଙ୍କ କବିଚିତ୍ତକୁ ବିମୁଗ୍ଧ କରି ରଖିଥିଲା ଅନେକ କାଳ ପର୍ଯ୍ୟନ୍ତ। ଶକୁନ୍ତଳାଙ୍କ ସମ୍ପର୍କରେ ଜର୍ମାନ କବି ଗେଟେ ଯେଉଁ ଅପୂର୍ବ ଅଭିମତ ପ୍ରକାଶ କରିଥିଲେ ତାହା କହିବା ବା ଶୁଣିବା ମାତ୍ରକେ ପ୍ରାଣରେ ସୃଷ୍ଟିହୁଏ ଅଭିନବ କମ୍ପନ। ସ୍ୱର୍ଗ ଓ ମର୍ତ୍ତ୍ୟର ସମ୍ମିଳିତ ସୌନ୍ଦର୍ଯ୍ୟ ହେଉଛନ୍ତି ଶକୁନ୍ତଳା ବୋଲି ଉଲ୍ଲେଖ କରିବା ଦ୍ୱାରା ଗେଟେ ଯେଉଁ ଭାବାଚ୍ଛନ୍ନ ମୁହୂର୍ତ୍ତର ସୃଜନ କରିଛନ୍ତି ତାହା ନନ୍ଦନ ବନର ପାରିଜାତ ଫୁଲର ପ୍ରସ୍ଫୁଟନ ପରି ... ସୌନ୍ଦର୍ଯ୍ୟମୟ ଓ ସୌରଭମୟ। ଗଙ୍ଗାଧର ଗେଟେଙ୍କ ଏହି ଭାବାବେଗପୂର୍ଣ୍ଣ ସ୍ନିଗ୍ଧ ଶବ୍ଦରାଶି ଶ୍ରବଣରେ କିପରି ଶିହରିତ ହୋଇଥିଲେ ତାହା 'ପ୍ରଣୟବଲ୍ଲରୀ'ର ଭୂମିକାରେ ସ୍ୱତଃ ଅନୁଭବ କରିହୁଏ।

ନିଜର ପ୍ରିୟ ପୁତ୍ର ଭଗବାନ ମେହେରଙ୍କ ଜ୍ୟେଷ୍ଠା କନ୍ୟାଙ୍କ ଶୁଭ ଆବିର୍ଭାବ ଯେତେବେଳେ ଘଟିଲା ସେତେବେଳେ 'ଶକୁନ୍ତଳା' ନାମଟି ଅନୁରଣିତ ହେଉଥିଲା ଗଙ୍ଗାଧରଙ୍କ ହୃଦୟ କକ୍ଷରେ। ସେଇଥିପାଇଁ ନିଜ ବଡ଼ ନାତୁଣୀଙ୍କ ନାମ ଅତୀବ ସସ୍ନେହ ଚିତ୍ତରେ ସେ ରଖିଥିଲେ 'ଶକୁନ୍ତଳା'। ଯେଉଁ ସମୟରେ ଏହି ଶିଶୁକନ୍ୟାଟିର ଆବିର୍ଭାବ, ସେହି ସମୟସୁଦ୍ଧା ଗଙ୍ଗାଧର 'ପ୍ରଣୟବଲ୍ଲରୀ' ରଚନାରେ ଢାଳି ଦେଇଥାନ୍ତି ଅନ୍ତରର ସବୁ ଆବେଗ। ନାତୁଣୀଙ୍କ ନାମ 'ଶକୁନ୍ତଳା' ନାମରେ ନାମିତ କରିବା ଦ୍ୱାରା ସେ ଲାଭ କରିଥିଲେ ଅପୂର୍ବ ତୃପ୍ତି ଓ ଗଭୀର ଆନନ୍ଦାନୁଭୂତି। ନାତୁଣୀଟିର ଚକ୍ଷୁ ଯୁଗଳକୁ ଦେଖିବା ମାତ୍ରକେ ଶିଶୁ ଅଭିଜ୍ଞ କଣ୍ୱ ଋଷିଙ୍କର କୋଳ ଭିତରେ ସେ ଦେଖି ପାରିଥିଲେ ଶକୁନ୍ତଳାଙ୍କ ସ୍ୱର୍ଗୀୟ ସୌନ୍ଦର୍ଯ୍ୟର ଅପରୂପ ଚିତ୍ର। ଶକୁନ୍ତଳାଙ୍କୁ କୋଳରେ ଧରି ଯେତେବେଳେ ସେ ଦେଉଥିଲେ ସ୍ନେହସିକ୍ତ ଚୁମ୍ବନ ସେତେବେଳେ ତାଙ୍କର ମନେ ହେଉଥିଲା ସତେ ଯେମିତି ତାଙ୍କର କାବ୍ୟ ନାୟିକାଙ୍କ ନିଷ୍ପାପ ଶିଶୁ ରୂପକୁ ସେ ପ୍ରତ୍ୟକ୍ଷ କରୁଛନ୍ତି ବାସ୍ତବ ଜଗତରେ। ସେଥିପାଇଁ ସାମାନ୍ୟ ଅବସର ପାଇବା ମାତ୍ରକେ ସେ ନାତୁଣୀକୁ ଟାଣି ଆଣୁଥିଲେ ତାଙ୍କ ବାତ୍ସଲ୍ୟ ସ୍ନେହସିକ୍ତ ଉଦାର କୋଳକୁ। ଲକ୍ଷ୍ୟ କରୁଥିଲେ ପୁଣି ଏହି ଶିଶୁ କନ୍ୟାଟି କି ଆଗ୍ରହରେ, ସତେକି ଦୃଷ୍ଟିନେଇ ତାଙ୍କ ଦୁଇ ଆଖିକୁ ଚାହିଁ ରହିଛି। କାହିଁ, ଏପରି ମଧୁର ଦୃଷ୍ଟିର ପରଶ ତ ଆଗରୁ ସେ ପାଇନଥିଲେ। ଏପରି ଏକ ଭାବରେ ତାଙ୍କୁ ଏ ଶିଶୁ କନ୍ୟାଟି ଚାହିଁ ରହିଥିଲା ଯେ ତାଙ୍କର ମନେ ହେଉଥିଲା ସତେକି ସେ କଣ୍ୱ ଋଷି ହୋଇ ସଦ୍ୟଜାତ ଶିଶୁ ପୁତ୍ରୀଟିକୁ ସ୍ନେହରେ କୋଳାଗ୍ରତ କରୁଛନ୍ତି। ପୁଣି ମନେହେଉଥିଲା 'ପ୍ରଣୟବଲ୍ଲରୀ'ର ପ୍ରାଣବନ୍ତ ନାୟିକା 'ଶକୁନ୍ତଳା' ପ୍ରାଣଧାରଣ କରି ଅବତୀର୍ଣ୍ଣ ହୋଇଛନ୍ତି କବି ଗୃହରେ।

ଶିଶୁଟିର ବୟସ ଯେତେ ବଢ଼ିବାକୁ ଲାଗିଲା ସେତିକି ପରିମାଣରେ ସେ ଗଙ୍ଗାଧରଙ୍କ ହୃଦୟକୁ ଅଧିକାର କରି ନେବାରେ ଲାଗିଥିଲା। ଉଭୟେ ଉଭୟଙ୍କ ପ୍ରତି ଯେପରି ଆକର୍ଷଣ ଅନୁଭବ କରୁଥିଲେ ତାହା ଚକିତ କରିଦେଉଥିଲା ଆତ୍ମୀୟସ୍ୱଜନଙ୍କୁ। କବି ଯେତେବେଳେ କାଗଜ କଲମ ହାତରେ ଧରି ଲେଖିବାକୁ ବସନ୍ତି ସେତେବେଳେ ଶକୁନ୍ତଳା ଧୀରେ ଧୀରେ କବିଙ୍କ ପାଖକୁ ଆକର୍ଷିତ ହୋଇ ହାତରୁ ତାଙ୍କର ଟାଣି ନିଅନ୍ତି କଲମ। ଆଉ ଲେଖାରେ ଅଗ୍ରସର ହେବା ତାଙ୍କ ଦ୍ୱାରା ସମ୍ଭବ ହୁଏ ନାହିଁ। ଏ ସମସ୍ତ ଅନୁଭୂତି ସଂକ୍ଷେପରେ ବ୍ୟକ୍ତ କରି ସେ ଚିଠି ଲେଖନ୍ତି ପ୍ରିୟବନ୍ଧୁ ବ୍ରଜମୋହନ ପଣ୍ଡାଙ୍କୁ। ସେ ପତ୍ରର ଭାଷା ଗଙ୍ଗାଧର ପତ୍ରାବଳୀରେ ସଂରକ୍ଷିତ ହୋଇ ରହିଛି ଚିରଦିନ ପାଇଁ। ନାତୁଣୀ ଶକୁନ୍ତଳାଙ୍କ ପ୍ରତି କବି ଏପରି ଦୁଷ୍ଟାମି ସତ୍ତ୍ୱେ ଆଦୌ କ୍ରୋଧ ପ୍ରକାଶ କରନ୍ତି ନାହିଁ କିମ୍ବା ଅସ୍ଥିର ମଧ୍ୟ ହୋଇ ଉଠନ୍ତି ନାହିଁ। ସୌନ୍ଦର୍ଯ୍ୟ କହିଲେ ସେ ଯେପରି ବୁଝନ୍ତି କାବ୍ୟ ରଚନାକୁ, ସେହିପରି ବୁଝନ୍ତି ଛୋଟ ନାତୁଣୀର ଲାଳିତ୍ୟଭରା ଦୁଷ୍ଟାମିକୁ। ତେଣୁ ସୁନ୍ଦରତାର ଉଭୟ ଦୃଶ୍ୟକୁ ଉପଭୋଗ କରନ୍ତି ପୂର୍ଣ୍ଣ ପ୍ରାଣରେ ସେ।


ISSN 2581-3994
ଗୋପବନ୍ଧୁଙ୍କ
ସତ୍ୟବାଦୀ
GOPABANDHUNKA SATYABADI
www.thesamaja.com